## ସଂକ୍ଷେପରେ

### ବନ୍ଧୁକ ଦେଖାଇ ୨ ଭାଇଙ୍କୁ ଉଠାଇନେଲେ ଦୁର୍ବୃତ୍ତ

ଗଞ୍ଜାମ,୨୧।୭(ବିଦ୍ୟାଧର ସାହୁ): ଗଞ୍ଜାମ ଥାନା ଅଧିନ ପୁଇଁତୋଳା ଛକର ଏକ ଢ଼ାବା ନିକଟରେ ଚା'ପାନ ଦୋକାନ କରିଥିବା ୨ ଦୁଇଭାଇ କୃଷ୍ଣ ଚନ୍ଦ୍ର ସାହୁ ଏବଂ ପଞ୍ଚୁ ସାହୁଙ୍କୁ ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଉଠାଇ ନେଇଛନ୍ତି। ଦୁଇଟି କାରରେ ପ୍ରାୟ ୨ ଜଣ ଦୋକାନ ପାଖକୁ ଆସି କେହି କିଛି ବୁଝିବା ପୂର୍ବରୁ ବନ୍ଧୁକ ଦେଖାଇ ୨ଭାଇଙ୍କୁ ଗାଡ଼ିରେ ନେଇଯାଇଛନ୍ତି। ଏ ନେଇ ପରିବାର ଲୋକେ ତୁରନ୍ତ ଗଞ୍ଜାମ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପଟେ ଏହାକୁ ବିରୋଧ କରି ଅନ୍ୟ ଦୋକାନୀମାନେ ୧୬ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ମୋଟର ଅଟକି ରହିଛି। ଖବରପାଇ ଗଞ୍ଜାମ ଥାନା ଆଇଆଇସି ସନ୍ତୋଷ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ଆସିବା ପରେ ସ୍ଥାନୀୟ ଅଞ୍ଚଳବାସୀ ପ୍ରବଳ ହୋହଲା କରିଥିଲେ।

### ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ

ଆସିକା,୨୧।୭(ସୁରେନ୍ଦ୍ରନାଥ ସାହୁ): ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ମୁନିଗାଡି, ନିମିନା ଓ ଗହଙ୍ଗୁ ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁନିଗାଡି ପଞ୍ଚାୟତ କାର୍ଯ୍ୟାଳୟରେ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ଅଧକ୍ଷା ତ୍ରିବେଣୀ ନାହାକ, ଯୁବନେତା ଶିବ ନାହାକ, ସରପଞ୍ଚ ପ୍ରତିନିଧି ସନ୍ତୋଷ କୁମାର ସ୍ୱାଇଁ, ସମିତିସଭ୍ୟା ପ୍ରତିନିଧି ମାନସ ରଂଜନ ବିଷୋୟୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏହି ଯୋଜନାରେ ପଞ୍ଚାୟତରେ ଜଗନ୍ନାଥ ସଂସ୍କୃତିର ପ୍ରସାର ଓ ପ୍ରଚାର, ଜଗନ୍ନାଥ ମନ୍ଦିରର ଉନ୍ନତିକରଣ ସାଙ୍ଗକୁ ଅଙ୍ଗନୱାଡିକେନ୍ଦ୍ର, ମିଶନ ଶକ୍ତି ଗୃହ ଓ ଅନ୍ୟାନ୍ୟ ଯୋଜନା ମୁତାବକ ଉନ୍ନୟନ ମୂଳକ କାର୍ଯ୍ୟ ଖସଡା ପ୍ରସ୍ତୁତ କରିବା ନିମନ୍ତେ ଆଲୋଚନା କରାଯାଇଥିଲା। ନିମିନା ପଞ୍ଚାୟତରେ ଅତିଥି ମାନଙ୍କ ସହ ସରପଞ୍ଚ ବିଦ୍ୟାନ୍ତ ଚର୍ଚ୍ଚି ଓ ଗହଙ୍ଗୁ ପଞ୍ଚାୟତରେ ସରପଞ୍ଚ ମନୋଜ କୁମାର ପରିଡା ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ।

### କର୍ମସଂସ୍ଥାନ କର୍ମଶାଳା

**ଆସିକା,୨୧।୭(ସୁରେନ୍ଦ୍ରନାଥ ସାହୁ):** ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଶୁକ୍ରବାର ଯୋଗ୍ୟତା ନିରୁପଣ ଓ କର୍ମସଂସ୍ଥାନ କର୍ମଶାଳା ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମ ଉପଦେଷ୍ଟା ଡ. ସନ୍ତୋଷ କୁମାର ଚୌଧୁରୀ, ବିଶ୍ୱ ବ୍ୟାଙ୍କ ପ୍ରକଳ୍ପର ଉପଦେଷ୍ଟା ପ୍ରଫେସର ବିଘ୍ନରାଜ ପାଢୀ, ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାର ମାନବ ସମ୍ବଳ ଅଧିକାରୀ ସୁବାସ ଚନ୍ଦ୍ର ରାଓ ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ର ଶିକ୍ଷା ପରେ ସେମାନଙ୍କ ଯୋଗ୍ୟତା ମୁତାବକ ଆତ୍ମନିର୍ଭରଶୀଳ ଯୋଜନାରେ ରହିଥିବା କର୍ମ ସଂସ୍ଥାନ ସମ୍ପର୍କରେ ଆଲୋଚନା କରିଥିଲେ। ଅଧାପକ ଚିତ୍ରସେନ ବେହେରା, ରାଜେଶ କୁମାର ସାହୁ, ଅଧାପିକା ଶୈଳ କୁମାରୀ ଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶିଶୁଲେଖକ କର୍ମଶାଳା

**ରମ୍ଭା,୨୧।୭(ବନବାସୀ ସେଠୀ):** ଗଞ୍ଜାମ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଆର.ନୂଆଗାଁ, ରମ୍ଭା କ୍ଲଷ୍ଟରରେ ବିଦ୍ୟାଳୟସ୍ତରୀୟ ଶିଶୁ ଲେଖକ କର୍ମଶାଳା ଆୟୋଜିତ ହୋଇଛି। ଛାମୁସାହି ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ୯୧ତମ କର୍ମଶାଳାରେ ଶୁଭଶ୍ରୀ ପ୍ରଧାନ, ବବୁଲ ବିଶ୍ୱାଳ, ରାକ୍ଷୀ ଜେନା, ସୂର୍ଯ୍ୟ ନାରାୟଣ ମହାରଣା, ମଧୁସ୍ମିତା ସାହୁ, ପାୟଲ ବେହେରା ଆଦି ଛାତ୍ରୀଛାତ୍ରମାନେ ଗଦ୍ୟ ପଠନ, ପଦ୍ୟ ଆବୃତ୍ତି ଓ ଲିଖନରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ସେହିପରି ୯୨ତମ କର୍ମଶାଳା ଲକ୍ଷ୍ମୀପୁର ସେବାଶ୍ରମ ପ୍ରାଥମିକ ବିଦ୍ୟାଳୟ ଆୟୋଜନ କରିଥିଲା। ସେଥିରେ ସାଇନାଥ ବେହେରା, କାଜଲ ବେହେରା, ବିବେକ ବେହେରା, ଯାଜ୍ଞସେନୀ ବେହେରା, ରବିଶଙ୍କର ବେହେରା, ପ୍ରିୟାଂଶୁ ବେହେରା ପ୍ରମୁଖ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଭାଗୀରଥି ବେହେରା, ବିଆରସିସି ବିଜୟ ଚନ୍ଦ୍ର ବେହେରା, ପାଲୁର ସିଆରସିସି ଦେବ ହରି ବେହେରା କର୍ମଶାଳାକୁ ପରିଦର୍ଶନରେ ଯାଇଥିଲେ। ରମ୍ଭା ସିଆରସିସି ରବୀନ୍ଦ୍ର ପଣ୍ଡା, ଛାମୁସାହି ପ୍ରାଥମିକ ବିଦ୍ୟାଳୟ ସଭାପତି ଅନୀତା ମହାରଣା, ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ଦେବୀ ଓ ଶିକ୍ଷୟିତ୍ରୀ ସୁମିତ୍ରା ବେହେରା, ଆଶାଲତା ନାୟକ ଓ ଲକ୍ଷ୍ମୀପୁର ସେବାଶ୍ରମ ବିଦ୍ୟାଧର ଜାଲି ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ରିଙ୍କି ପାତ୍ର, ରାଜେନ୍ଦ୍ର ସେଠୀ ଆଦି ଆୟୋଜନରେ ସହଯୋଗ କରିଥିଲେ।

# କୁମ୍ଭୀର ରହୁଥିବା ନଦୀ ଗଣ୍ଡ ପୋତିବାକୁ ସହମତି

**ଦିଗପହଣ୍ଡି,୨୧।୭(ଅଶେଷ ନାଥ ମିଶ୍ର)**



ଜଳସମ୍ପଦ ବିଭାଗର ପ୍ରଶାସନିକ ଅଧିକାରୀ ବୃନ୍ଦ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ଦିଗପହଣ୍ଡି ବ୍ଲକ ଘୋଡାହଡ ଜଳଭଣ୍ଡାର ଏବଂ ଆଖପାଖ ନଦୀଗଣ୍ଡ ଗୁଡ଼ିକରେ ବାରମ୍ବାର କୁମ୍ଭୀର ଆକ୍ରମଣ ପରେ ଶୁକ୍ରବାର ଉଚ୍ଚସ୍ତରୀୟ ତଦନ୍ତ ନିମନ୍ତେ ଜଳସମ୍ପଦ ବିଭାଗୀୟ ଅଧିକାରୀବୃନ୍ଦ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏଥିସହ ବିଭିନ୍ନ ଗ୍ରାମର ବାସିନ୍ଦାଙ୍କ ସହ ଏହାର ସମାଧାନ ପାଇଁ ଆଲୋଚନା କରି ଫେରିଛନ୍ତି। ବ୍ଲକ ଅଧିନ ଖମ୍ବାରୀ ଗାଁ ନିକଟରେ ଥିବା ଘୋଡାହଡ ଡ୍ୟାମ ଏବଂ ନଦୀଗଣ୍ଡଗୁଡ଼ିକରେ କୁମ୍ଭୀରମାନେ ରହୁଥିବା ବେଳେ ଗତ କିଛି ଦିନ ହେଲା କୁମ୍ଭୀରଙ୍କ ଆତଙ୍କରେ ଗ୍ରାମବାସୀ ଭୟଭୀତ ହୋଇପଡୁଥିବା ଜଣାପଡିଛି। ଗତ ଜୁନ ୨୫ ତାରିଖରେ କୁମ୍ଭୀର ଆକ୍ରମଣରେ ସେବକ ଟିକରପଡା ଗ୍ରାମର ଶୁଭ୍ରାଂଶୁ ଗୌଡ଼ ନାମକ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁବାର ଖମ୍ବାରୀ ଗାଁ ସାଗର ବନ୍ଧରେ ଗାଧୋଇବା ସମୟରେ ଜଣେ ରାଜମିସ୍ତ୍ରୀ ଟୁକୁନା ବେହେରା ଗୁରୁତର ଆହତ ହୋଇଥିଲେ। ଫଳରେ ଗ୍ରାମବାସୀ ଉତ୍ତେଜିତ ହୋଇ କୁମ୍ଭୀରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ନେଇ ପ୍ରଶାସନ ନିକଟରେ ଦାବି କରିଥିଲେ। ଏ ନେଇ ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଇଂ. ସଞ୍ଜୀବ କୁମାର ଦାସ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ୭ ଜଣିଆ ଯାଞ୍ଚ କମିଟି ଗଠନ ହୋଇଥିଲା। ଶୁକ୍ରବାର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀଙ୍କ ସମେତ ଭଞ୍ଜନଗର ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ. ଗୋକୁଳ ଚନ୍ଦ୍ର ପାଢ଼ୀ, ବ୍ରହ୍ମପୁର ଅଧିକ୍ଷଣ ଯନ୍ତ୍ରୀ ଇଂ. ଜୟଦୀପ ପଣ୍ଡା, ଛେଲିଗଡ କେନାଲ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ଇଂ. ଉମେଶ କୁମାର ପଟ୍ଟନାୟକ, ବ୍ରହ୍ମପୁର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ସରୋଜ ପ୍ରହରାଜ, ହିଞ୍ଜିଳି କାଟୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଜଗନ୍ନାଥ ଦାସ, ଦିଗପହଣ୍ଡି ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଏ. ଗୋପାଳ ରାଓ, ସହକାରୀ ଯନ୍ତ୍ରୀ ଇଂ. କ୍ଷୀରୋଦ ବେହେରା, ଦିଗପହଣ୍ଡି ବନାଞ୍ଚଳ ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରା, ତହସିଲଦାର ସିପକ କୁମାର ପାତ୍ର ପ୍ରମୁଖ ଟିକରପଡା ଗ୍ରାମ ନିକଟରେ ଥିବା ନଦୀଗଣ୍ଡ ପରିଦର୍ଶନ କରିଥିଲେ। ଗ୍ରାମବାସୀଙ୍କ ଅନୁରୋଧ ରକ୍ଷାକରି ଅଧିକାରୀମାନେ ନଦୀଗଣ୍ଡର ଉଭୟ ପାର୍ଶ୍ୱରେ କାନ୍ଥ କରି ଏକ ଚ୍ୟାନେଲ ଦ୍ୱାରା ପାଣିକୁ ନଦୀକୁ ଛଡାଯିବା ନେଇ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଏହି ପରିଦର୍ଶନ ସମୟରେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼ଙ୍କ ସମେତ ବହୁସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ।

- ବାରମ୍ବାର କୁମ୍ଭୀର ଆକ୍ରମଣ ଘଟଣା ପରେ ଚେତିଲା ପ୍ରଶାସନ
- ଜଳସମ୍ପଦ ବିଭାଗର ଉଚ୍ଚସ୍ତରୀୟ ଟିମ୍‌ଙ୍କ ଆଲୋଚନା
- ଘଟଣାସ୍ଥଳ ପରିଦର୍ଶନ କରି ଫେରିଲେ ଟିମ

# ଅବସରର ୭ ମାସ ପରେ ବି ମିଳିନି ସହାୟତା

**ଛତ୍ରପୁର,୨୧।୭(ସନ୍ତୋଷ ପାଢ଼ୀ)**

୩୪ ବର୍ଷ ସରକାରୀ ବସ୍‌ରେ ହେଲପର ଭାବେ କାମ କରି ନିରବିଚ୍ଛିନ୍ନ ସେବା ଯୋଗାଇଲେ। ଅବସର ନେବାକୁ ୩ ମାସ ଥିବା ସମୟରେ ଏକ ବଡ଼ ଦୁର୍ଘଟଣାରୁ ସହକର୍ମୀଙ୍କୁ ବଞ୍ଚାଇବାକୁ ଯାଇ ନିଜ ଗୋଡ଼ ହରାଇ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ଗଞ୍ଜାମ ଜିଲା ଚମାଖଣ୍ଡି ଗ୍ରାମର ଗଣେଶ ସାହୁ। ଅନ୍ୟର ସେବାରେ ନିଜକୁ ନିୟୋଜିତ କରିଥିବା ମଣିଷଟି ଆଜି ସବୁଦିନ ପାଇଁ ଅସହାୟ ପାଲଟିଯାଇଛନ୍ତି। କେବଳ ଏତିକିରେ ଗଣେଶଙ୍କ ଦୁଃଖ ସରିନି। ଚାକିରିରୁ ଅବସର ନେବାର ୭ ମାସ ପରେ ବି ମିଳିଥିବା ପ୍ରତିଶ୍ରୁତି ଅନୁଯାୟୀ ସହାୟତା ମିଳିନି।

ରାଜ୍ୟ ସଡ଼କ ପରିବହନ ନିଗମରେ ହେଲ୍‌ପର ଭାବେ କାମ କରୁଥିବା ଗଣେଶ ତିନି ମାସ ତଳେ ଅବସର ନେଇଛନ୍ତି। ହେଲେ ଅବସର ନେବା ପୂର୍ବରୁ ଗତ ଡିସେମ୍ବରରେ ଡ୍ୟୁଟିରେ ଥିବା ସମୟରେ ଦୁର୍ଘଟଣା ଘଟିଲା। ବସ ଚକା ତଳେ ପଡି ତାଙ୍କର ଗୋଡ଼ କଟିଗଲା। ଚିକିତ୍ସା ପାଇଁ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କଲେ। ଚିକିତ୍ସିତ ହେଉଥିବା ସମୟରେ ଚାକିରିରୁ ଅବସର ନେଲେ। ସେ ସମୟରେ ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ଆର୍ଥିକ ସହାୟତା ପାଇଁ ମିଳିଥିବା ପ୍ରତିଶ୍ରୁତି ଏବେ ପ୍ରତାରଣା ପାଲଟିଛି। ଘରେ ଯନ୍ତ୍ରଣାର ଜୀବନ ଜିଉଁଛନ୍ତି ଗଣେଶ। ସେପଟେ ୨୭ ବର୍ଷୀୟ ପୁଅ ଜନ୍ମରୁ ଦିବ୍ୟାଙ୍ଗ। ପୁଅ ଆଉ ସ୍ୱାମୀଙ୍କ ସେବା କରି ରୋଗିଣା ସ୍ତ୍ରୀଙ୍କ ଦିନଯାଉଛି। ପୁଅ ପାଇଁ ମେଡିକାଲରେ ଟଙ୍କା ଖର୍ଚ୍ଚ ହେଉଛି। ଏପଟେ ସ୍ୱାମୀଙ୍କ ଏଭଳି ଅବସ୍ଥା। କେମିତି ପରିବାର ସମ୍ଭାଳିବେ ତାକୁ ନେଇ ଚିନ୍ତାରେ ସ୍ତ୍ରୀ। କମ୍ପାନୀ ପକ୍ଷରୁ ସହାୟତା ମିଳିବା ଦୂରର କଥା, ଏ ପର୍ଯ୍ୟନ୍ତ ୩ ମାସର ଦରମା ଟଙ୍କା ମଧ ମିଳିଲାନି। ଦିବ୍ୟାଙ୍ଗ ପୁଅକୁ ମିଳୁଥିବା ୭୦୦ ଟଙ୍କା ଭତ୍ତା ଏବଂ ସ୍ୱାମୀଙ୍କ ପେନସନ ବାବଦ ୩୮୦୦ ଟଙ୍କା ଏପରି ମୋଟ ୪୫୦୦ ଟଙ୍କା ଚିକିତ୍ସା ସମୟରେ ହୋଇଥିବା ଋଣ ପରିଶୋଧ ଏବଂ ମେଡ଼ିସିନ ବାବଦକୁ ଖର୍ଚ୍ଚ ହେଇଯାଉଛି ବୋଲି ସ୍ତ୍ରୀ ମଞ୍ଜୁଲତା ସାହୁ କହିଛନ୍ତି। ଏଭଳି ସ୍ଥିତିରେ ଗଣେଶଙ୍କ ପରିବାରକୁ ସାହାର୍ଯ୍ୟ କରିବାକୁ ଚମାଖଣ୍ଡି ସରପଞ୍ଚ ସରପଞ୍ଚ ମନୋଜ ରେଡ୍ଡି ଅନୁରୋଧ କରିଛନ୍ତି।

**ଡ୍ୟୁଟିରେ ଥିବା ବେଳେ ଗୋଡ଼ କଟିଲା**



ଗୋଡ ହରାଇଥିବା ଗଣେଶ ଓ ତାଙ୍କ ପୁଅ।

# ଜିଲା ପର୍ଯ୍ୟଟନସ୍ଥଳୀକୁ ସ୍ୱତନ୍ତ୍ର ଟିମ୍‌ର ପରିଦର୍ଶନ



ହିଲଟପ୍ ପର୍ଯ୍ୟଟନ ସ୍ଥଳକୁ ବୁଲି ଦେଖୁଛନ୍ତି ପର୍ଯ୍ୟଟନ ବିଭାଗ ଅନୁଧ୍ୟାନକାରୀ ଦଳ।

**ବାଲିଗୁଡ଼ା/ଜି. ଉଦୟଗିରି,୨୧।୭(ସଞ୍ଜୟ କୁମାର ପାଣିଗ୍ରାହୀ/ଶିଶିର ପଟ୍ଟନାୟକ)**

**କନ୍ଧମାଳକୁ ସ୍ୱତନ୍ତ୍ର ପର୍ଯ୍ୟଟନ ଜିଲା ପାଇଁ ଉଦ୍ୟମ**

କନ୍ଧମାଳ ଜିଲାକୁ ସ୍ୱତନ୍ତ୍ର ପର୍ଯ୍ୟଟନ ଜିଲା ମାନ୍ୟତା ଦେବା ନେଇ ଦୀର୍ଘ ବର୍ଷ ହେଲା ଦାବି ହୋଇଆସୁଛି। ଗତ ଜୁନ ୧୬ ଓ ୧୭ ଦୁଇ ଦିନ କନ୍ଧମାଳ ଗସ୍ତରେ ଆସିଥିବା ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ଜିଲାର ପର୍ଯ୍ୟଟନସ୍ଥଳୀର ବିକାଶ ସହ ପୁରାତନ ମନ୍ଦିରଗୁଡିକୁ ଯୋଡିବା ପାଇଁ ଅନୁରୋଧ କରିଥିଲେ। ସେହି ଦାବିକୁ ୫-ଟି ସଚିବ ଗୁରୁତର ସହ ନେଇ ଜିଲାର ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନ କରି ଏକ ସ୍ୱତନ୍ତ୍ର ରିପୋର୍ଟ ସଂଗ୍ରହ କରିବା ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ବିଭାଗ ପକ୍ଷରୁ ଏକ ୫ ଜଣିଆ ଟିମ୍ ଜିଲାକୁ ପଠାଇଛନ୍ତି। ସେହି ଟିମ୍ ଦୁଇ ଭାଗରେ ବିଭକ୍ତ ହୋଇ ଜିଲାର ଜି.ଉଦୟଗିରି, ଦାରିଙ୍ଗବାଡି ବ୍ଲକର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ବାଲିଗୁଡ଼ା ବ୍ଲକର ସର୍ବପୁରାତନ ଜଗନ୍ନାଥ ମନ୍ଦିର, ସର୍ପନାଳ, କୋଟଗଡ ବ୍ଲକର ଲୁଦୁ ଓ ଦାରିଙ୍ଗବାଡି ଜଳପ୍ରପାତ ବୁଲି ଦେଖିଛନ୍ତି। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ବିଭାଗରୁ ୫ ଜଣିଆ ଟିମ୍ ମଧ୍ୟରେ ବାଲିଗୁଡାକୁ ବର୍ଣ୍ଣିକା ଛୋଟାପାଧାୟ, ସ୍ନେହାଶିଷ ସର୍କରା ଆସିଥିବା ବେଳେ ବାଲିଗୁଡ଼ା ଜଗନ୍ନାଥ ମନ୍ଦିରକୁ କିଭଳି ସରସ ସୁନ୍ଦର କରାଯିବ ସେନେଇ ଆଲୋଚନା ସମୟରେ ଟ୍ରଷ୍ଟ ବୋର୍ଡ ସଦସ୍ୟ. ଟି. ଶ୍ରୀନିବାସ ରାଓ, ମଧୁସୂଦନ ଦାସ, ବିଡିଓ ଶଶାଙ୍କ ଶେଖର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଉଦୟଗିରିରେ ହୋଇଥିବା ସର୍ଭେ କାର୍ଯ୍ୟକ୍ରମରେ ବିଡିଓ ଆଶିଷ କୁମାର ତ୍ରିପାଠୀ, ଏଇ ଅସିତ କୁମାର ସେଠୀ, ଯନ୍ତ୍ରୀ ମନୋଜ କୁମାର ସାହୁ, ସମିତି ଅଧକ୍ଷା ସୁଷମା ପ୍ରଧାନ, ସମିତି ସଭ୍ୟ ସଚ୍ଚିଦାନନ୍ଦ ପ୍ରଧାନ, ମାଲିକପଡି ସରପଞ୍ଚ ଝରଣା ପ୍ରଧାନ, ଜିଆର୍‌ଏସ୍ ଗୌତମ ପ୍ରଧାନ ଓ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ଦିଗପହଣ୍ଡି,୨୧।୭(ଅଶେଷ ନାଥ ମିଶ୍ର)**

ଦିଗପହଣ୍ଡି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁର୍ବୃତ୍ତ ଅପହରଣ କରି ନେଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ମା'ଙ୍କ ଏତଲା କ୍ରମେ ଦିଗପହଣ୍ଡି ପୋଲିସ ନଂ.୨୬୧/୨୩ରେ ମାମଲା ରୁଜୁ କରିଛି। ନାବାଳିକା ଘରେ ଥିବା ବେଳେ ଗତ ସୋମବାର ରାତିରେ ଦୁର୍ବୃତ୍ତ ତାଙ୍କୁ କୌଶଳ କ୍ରମେ ଅପହରଣ କରିନେଇଥିଲେ। ପୋଲିସର ସ୍ୱତନ୍ତ୍ର ଟିମ ବିଭିନ୍ନ ସନ୍ଦିଗ୍ଧ ଇଲାକାରେ ଚଢାଉ କରିଥିଲେ ମଧ ଅପହୃତା ନାବାଳିକା କିମ୍ବା ଅପହର୍ତ୍ତାଙ୍କ ସୁରାକ ମିଳିନଥିବା ଜଣାପଡିଛି।

### କୋଦଳାରେ ଘରୋଇ ବସ୍ ମାଲିକ ସଂଘ ବୈଠକ

**କୋଦଳା,୨୧।୭(ଅମିତ କୁମାର ପଟ୍ଟନାୟକ)**

ସ୍ଥାନୀୟ ମା ହନୁମନ୍ତ ନାରାୟଣୀ ମନ୍ଦିର ପରିସରରେ ଶୁକ୍ରବାର ଘରୋଇ ବସ ମାଲିକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବସ ମାଲିକ ସଂଘ ସମ୍ପାଦକ ତଥା ପୁରୁଷୋତ୍ତମପୁର ବସ ମାଲିକ ସଂଘ ସଭାପତି ସନ୍ତୋଷ କୁମାର ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଗଞ୍ଜାମ ଜିଲାର ୧୫୦ରୁ ଉର୍ଦ୍ଧ୍ୱ ଘରୋଇ ବସ ମାଲିକ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପୂର୍ବରୁ ରାଜ୍ୟ ସରକାର ବସ ମାଲିକଙ୍କ ବିନା ଆଲୋଚନାରେ ବ୍ରହ୍ମପୁର, ଛତ୍ରପୁର ଏବଂ ଗୋପାଳପୁରରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କରି କ୍ଷତି ହୋଇଥିବା ବେଳେ ଆଗକୁ ନିର୍ବାଚନକୁ ଦୃଷ୍ଟିରେ ରଖି ମୋ ବସ ଯୋଜନା କରିଥିବାରୁ ଘରୋଇ ବସ ମାଲିକ ସଂଘ ଏହାକୁ ତୀବ୍ର ବିରୋଧ କରିଛି। ଉକ୍ତ ବୈଠକରେ ଗଞ୍ଜାମ ଜିଲାର ବସ ମାଲିକ ସରୋଜ ଚନ୍ଦ୍ର ସାହୁ, ସୀମାଞ୍ଚଳ ମିଶ୍ର, ସୀମାଞ୍ଚଳ ପୃଷ୍ଟି, ସୁଦର୍ଶନ ପ୍ରଧାନ, ମୁନା ମହାନ୍ତି, ଅରକ୍ଷିତ ଜେନା, ସନ୍ତୋଷ ପାତ୍ର, ପ୍ରସନ୍ନ ମହାପାତ୍ର ଉପସ୍ଥିତ ଥିଲେ।

# ଆଇଏସଇଆର ତୃତୀୟ ସମାବର୍ତ୍ତନ ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ପୁରସ୍କୃତ ବିଦ୍ୟାର୍ଥୀ

**ଗୋପାଳପୁର,୨୧।୭(ନବୀନ ରାଜ ଆଚାରୀ)**

ଶୁକ୍ରବାର ରଙ୍ଗେଇଲୁଣ୍ଡା ବ୍ଲକ ଅଧିନ ଲୌଡିଗାଁ ନିକଟସ୍ଥ ଭାରତୀୟ ବୈଜ୍ଞାନିକ ଶିକ୍ଷା ଏବଂ ଅନୁସନ୍ଧାନ ଅନୁଷ୍ଠାନ (ଆଇଏସଇଆର) ସ୍ଥାୟୀ କ୍ୟାମ୍ପସ ପରିସରରେ ତୃତୀୟ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ରକ୍ଷା ମନ୍ତ୍ରାଳୟର ପୂର୍ବତନ ସଚିବ ଡ. ଜି ସତିସ ରେଡ୍ଡୀ ଯୋଗ ଦେଇଥିଲେ। ଦେଶରେ ଯେତେ ପରିମାଣରେ ଗବେଷକ ଓ ବୈଜ୍ଞାନିକ ସଂଖ୍ୟା ବୃଦ୍ଧି ହେବ ସେହି ଦେଶ ସେତେ ସୁଦୃଢ ଓ ସଶକ୍ତ ହୋଇପାରିବ। ବ୍ରହ୍ମପୁର ଆଇଜର ପରିବେଶ ବିଜ୍ଞାନ ଗବେଷଣାର ବିଦ୍ୟାର୍ଥୀଙ୍କ ପାଇଁ ବେଶ ସୌହାର୍ଦ୍ଦ୍ୟପୂର୍ଣ୍ଣ ରହିଥିବା ବେଳେ ଆସନ୍ତା ବର୍ଷ ମାନଙ୍କରେ ଏହା ଦେଶର ଏକ ସର୍ବୋଚ୍ଚ ବିଜ୍ଞାନ ଓ ଗବେଷଣା କେନ୍ଦ୍ର ଭାବେ ପରିଗଣିତ ହେବ ବୋଲି ମୁଖ୍ୟଅତିଥି ଡଜି ସତିସ ରେଡ୍ଡୀ କହିଥିଲେ। ସମ୍ମାନୀତ ଅତିଥି ଭାବେ ଅନୁଷ୍ଠାନ ଅଧକ୍ଷ ସୁଧିର ଉତ୍ତମଲାଲ ମେହେତା ଯୋଗ ଦେଇଥିଲେ। ସେହିପରି ଚଳିତ ବର୍ଷ ସ୍ନାତକ, ସ୍ନାତକୋତ୍ତର ଓ ଡକ୍ଟରେଟ ଲାଭ କରିଥିବା ୧୨୦ ଜଣ ବିଦ୍ୟାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ଶିକ୍ଷାନୁଷ୍ଠାନରୁ ଡିଗ୍ରୀ ଲାଭ କରିଥିବା ଛାତ୍ରୀଛାତ୍ରମାନେ ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ବେଶ ସହାୟକ ହେବେ ବୋଲି ନିର୍ଦ୍ଦେଶକ ପ୍ରଫେସର ଗାଙ୍ଗୁଲି କହିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନ ଡିନ ପ୍ରଫେସର ଯୋଗେନ୍ଦ୍ର ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରେଜିଷ୍ଟ୍ରାର ପ୍ରଦିପ କୁମାର ରୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଟିକିଟି ତହସିଲଦାରଙ୍କୁ ଧମକ ମାମଲା, ଅଭିଯୁକ୍ତ ଜେଲ ଗଲେ

**ଦିଗପହଣ୍ଡି,୨୧।୭(ଅଶେଷ ନାଥ ମିଶ୍ର)**



ଗଞ୍ଜାମ ଜିଲା ଟିକିଟି ତହସିଲଦାର ବିଶ୍ୱରଞ୍ଜନ କଅଁରଙ୍କୁ ମୋବାଇଲ ଫୋନରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଧମକ ଦେବା ମାମଲାରେ କେ.ନୂଆଗାଁ ପୋଲିସ ଶୁକ୍ରବାର ଦିଗପହଣ୍ଡି ବ୍ଲକ ବୋମକେଇ ପଞ୍ଚାୟତ କୁମରଢ଼ା ଗ୍ରାମର ରବି ଓରଫ ରବୀନ୍ଦ୍ର ରଣାଙ୍କୁ କୋର୍ଟକୁ ଚାଲାଣ କରିଛି। ମାମଲା ନଂ.୨୫୦/୨୩ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଛି। ଗତ ୧୫ ତାରିଖରେ ତହସିଲଦାର ଏବଂ ଟିକିଟି ରାଜସ୍ୱ ନୀରିକ୍ଷକ ବଳରାମ ପ୍ରଧାନ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ସଦସ୍ୟ ଭାବେ ପାଟ୍ରୋଲିଂ କରୁଥିବା ବେଳେ ଟିକିଟି ବିଦ୍ୟୁତ୍ କାର୍ଯ୍ୟାଳୟ ଛକରେ ଏକ ବାଲି ବୋଝେଇ ଟ୍ରାକ୍ଟର (ନଂ.ଓଡି ୦୭ - ୯୫୮୬) କୁ ଜବତ କରି ଚାଲାଣ ସମ୍ପର୍କରେ କାଗଜ ପତ୍ର ତନଖି କରିଥିଲେ। ବାଲି ଚାଲାଣ ପାଇଁ ଠିକ ୱାଇ ଫର୍ମ ନଥିବାରୁ ତହସିଲଦାର ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ତହସିଲ କରିଥିଲେ। କିଛି ସମୟ ପରେ ଅଭିଯୁକ୍ତ ରବି ଓରଫ ରବିନ୍ଦ୍ର ତାଙ୍କ ମୋବାଇଲ ଫୋନ ନଂ. ୬୩୭୨୬୬୭୨୩୦ ଯୋଗେ ତହସିଲଦାର ଏବଂ ରାଜସ୍ୱ ନୀରିକ୍ଷକଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏନେଇ ତହସିଲଦାର କେ.ନୂଆଗାଁ ଥାନାରେ ଏତଲା ଦେବା ପରେ ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିଲେ। ଗିରଫ ଭୟରେ ଅଭିଯୁକ୍ତ ଘଟଣା ପରଠାରୁ ଫେରାର ଥିଲେ। ସେ ଗାଁ କୁ ଫେରିଥିବା ଖବରପାଇ ପୋଲିସ ତାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ମୋବାଇଲ ଫୋନ ଜବତ କରିଛି।

# ସାଢ଼େ ୪ ଲକ୍ଷ ଲୁଟ ଘଟଣା, ସୁରାକ ପାଉନି ପୋଲିସ

**ବ୍ରହ୍ମପୁର,୨୧।୭(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ମହାନଗରକୁ ଅପରାଧମୁକ୍ତ କରିବା ପାଇଁ ପୋଲିସର କ୍ଲିନ କ୍ରିମିନାଲ ଅପରେଶନ ଯୋଜନା ଫେଲ ମାରିଛି। ନୂଆ ତରିକାରେ ଦୁର୍ବୃତ୍ତମାନେ ବରିଷ୍ଠ ନାଗରିକଙ୍କୁ ଟାର୍ଗେଟ କରି ଲୁଟ କରିବାରେ ଲାଗିଛନ୍ତି। ପୋଲିସ ଅପରାଧୀ ଗୋଷ୍ଠୀଙ୍କ ସୁରାକ ପାଇପାରୁନାହିଁ। ଗତ ମେ ୨୬ ତାରିଖ ସ୍ପଷ୍ଟ ଦିବାଲୋକରେ ବୃଦ୍ଧ ଦମ୍ପତିଙ୍କଠାରୁ ଲୁଟେରା ଗ୍ୟାଙ୍ଗ ସାଢ଼େ ୪ଲକ୍ଷ ଟଙ୍କା ଲୁଟି ନେଇଥିଲେ। ବୈଦ୍ୟନାଥପୁର ଥାନା ପୋଲିସ ଏ ସଂକ୍ରାନ୍ତରେ ମାମଲା ରୁଜୁ କରି ଲୁଟ ଘଟିଥିବା ସ୍ଥାନ ନିକଟରୁ ସିସିଟିଭି ଫୁଟେଜ ସଂଗ୍ରହ କରିଥିଲା। ତେବେ ପ୍ରାୟ ୨ ମାସ ପରେ ବି ଲୁଟେରାଙ୍କୁ ଠାବ କରାଯାଇ ପାରିନାହିଁ। ଲୁଟେରା ଗ୍ୟାଙ୍ଗ ଧରିବା ପାଇଁ ଏକ ଟିମ ଗଠନ ହୋଇଛି। ହେଲେ ଉକ୍ତ ଟିମ ଲୁଟେରାଙ୍କ ଟେର ପାଇପାରନାହିଁ। ସୂଚନାଯୋଗ୍ୟ, ଗୋପାଳପୁର ଥାନା ଅନ୍ତର୍ଗତ ଆରୁଆପାଲି ଗ୍ରାମା ଅବସରପ୍ରାପ୍ତ କର୍ମଚାରୀ ପ୍ରଭାକର ପଟ୍ଟନାୟକ ଓ ତାଙ୍କ ସ୍ତ୍ରୀ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡ଼ାସିଂରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କର ଏକ ଶାଖାରୁ ୫ଲକ୍ଷ ୨୦ ହଜାର ଟଙ୍କା ଉଠାଇଥିଲେ। ପ୍ରଭାକର ଗୋଟିଏ ବ୍ୟାଗରେ ସାଢ଼େ ୪ଲକ୍ଷ ଟଙ୍କାର ୫୦୦ ଟଙ୍କିଆ ନୋଟ ରଖିଥିବା ବେଳେ ଅନ୍ୟ ଏକ ବ୍ୟାଗରେ ୭୦ ହଜାର ଟଙ୍କା ରଖିଥିଲେ। ଅପରାହ୍ନରେ ଦମ୍ପତି ବାଇକରେ ଇଞ୍ଜିନିୟରିଂ ସ୍କୁଲ ଛକରୁ ଆଙ୍କୁଲି ଓଭରବ୍ରିଜ ଦେଇ ଘରକୁ ଫେରୁଥିଲେ। ଓଭରବ୍ରିଜ ଉପରେ ୨ ଯୁବକ ଏକ ବାଇକରେ ଆସି ପ୍ରଭାକରଙ୍କ ସ୍ତ୍ରୀ ଧରିଥିବା ଟଙ୍କା ଭର୍ତ୍ତି ବ୍ୟାଗଟି ଝାମ୍ପି ନେଇଯାଇଥିଲେ। ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିଲା। ଏପରି ଅନେକ ଲୁଟ ଘଟଣା ଏବେ ବି ପୋଲିସ ଫାଇଲରେ ପଡ଼ି ରହିଛି। ଯଦିଓ ବିଭିନ୍ନ ଥାନା ପୋଲିସ ଏନେଇ ଅନେକ ମମାଲ ରୁଜୁ କରିଛି, କିନ୍ତୁ ଏଯାବତ ଲୁଟିଆ ଗ୍ୟାଙ୍ଗକୁ ଧରିବାରେ ବିଫଳ ହୋଇଛି।

# ଡ୍ରେସ ଦୋକାନୀଙ୍କୁ ବୋମାମାଡ଼ ଘଟଣା, ୭ ଗିରଫ

**ବୁଗୁଡ଼ା,୨୧।୭(କାଳି ଚରଣ ଦାଶ)**

**୨ ବାଇକ୍ ସହ ବନ୍ଧୁକ ଓ ଗୁଳି ଜବତ**



ଗିରଫ ଅଭିଯୁକ୍ତ।

ବୁଗୁଡ଼ା ମେଡିକାଲ ଛକର ଜଣେ ଡ୍ରେସ ଦୋକାନୀଙ୍କୁ ବୋମା ମାଡ଼ କରିବା ଘଟଣାରେ ପୋଲିସ ଶୁକ୍ରବାର ୭ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ବୀର ଧନଞ୍ଜୟପୁର ଶାସନ ଗ୍ରାମର ଶିବ ଶଙ୍କର ପ୍ରଧାନ, କୃଷ୍ଣ ଶରଣପୁର ଗ୍ରାମର କାଳିଆ ପ୍ରଧାନ, କୈଳାଶ ନଗର ଗ୍ରାମର ସନ୍ତୋଷ ନାୟକ, ଖୋଲଖାଳି ଦଣ୍ଡାସିବଞ୍ଚର ଗ୍ରାମର କାହ୍ନୁ ଚରଣ ନାୟକ, କୋଦଳା ଥାନା ଅନ୍ତର୍ଗତ ମଠ ବ୍ରହ୍ମପୁର ଗ୍ରାମର ଗୌତମ ଗୁରୁ, ଓଡ଼ନଇ ଗ୍ରାମର ବସନ୍ତ ଜେନା ଓ ଧନଞ୍ଜୟପୁର ଗ୍ରାମର ଗୋବିନ୍ଦ ବାରିକ। ପୋଲିସ ଏମାନଙ୍କ ଠାରୁ ଗୋଟିଏ ଦେଶୀ ବନ୍ଧୁକ, ୩ ଗୁଳି, ୨ ଜୀବନ୍ତ ବୋମା, ମୋବାଇଲ ଓ ସିମ ଜବତ କରିଛି। ଏ ନେଇ ବୁଗୁଡା ଥାନାରେ ନଂ. ୫୧୫/୨୩ରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ଗତ ୭ ତାରିଖ ଦିନ ବୁଗୁଡ଼ା ମେଡିକାଲ ଛକରେ ଡ୍ରେସ ଦୋକାନ କରିଥିବା ବି ଦିଲେଶ୍ୱର ପାତ୍ରଙ୍କୁ ମାଷ୍ଟର ମାଇଣ୍ଡ ଶିବ ଶଙ୍କର ଦଶ ଲକ୍ଷ ଟଙ୍କା ବଟି ମାଗିଥିଲା। ସେ ଟଙ୍କା ଦେବାକୁ ମନା କରିବାରୁ ତାଙ୍କୁ ୧୫ ତାରିଖ ମଧ ରାତ୍ରିରେ ଶିବ ନେତୃତ୍ୱରେ ସନ୍ତୋଷ, କାହ୍ନୁ ସହ ଆଉ ଜଣେ ଯୁବକ ୨ଟି ବାଇକରେ ଆସି ଦିଲେଶ୍ୱରଙ୍କ ଦୋକାନକୁ ଲକ୍ଷ୍ୟ କରି ଦୁଇଟି ବୋମା ଫିଙ୍ଗି ଥିଲେ। ତେବେ ଲକ୍ଷ୍ୟଭ୍ରଷ୍ଟ ହୋଇ ପଡୋଶୀ ଔଷଧ ଦୋକାନରେ ବୋମା ବାଜିବାରେ ଔଷଧ ଦୋକାନର ସାମାନ୍ୟ କ୍ଷତି ହୋଇଥିଲା। ଏ ନେଇ ଡ୍ରେସ ଦୋକାନ ମାଲିକ ବି ଦିଲ୍ଲେଶ୍ୱର ପାତ୍ର ବୁଗୁଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଟିମ ପ୍ରଥମେ ଜାଲ ସିମ ଯୋଗାଇଥିବା ମୋବାଇଲ ଦୋକାନୀ ଗୌତମଙ୍କୁ ଧରିବା ପରେ ଗୁରୁବାର ବାକି ୬ ଜଣ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲେ। ସିମ ଯୋଗାଇବାରେ ସହଯୋଗ କରିଥିବା ଏଜେଣ୍ଟ ଗୋବିନ୍ଦ, ଡିସଟ୍ରିବ୍ୟୁଟର ବସନ୍ତ ଏହି ଜାଲରେ ଛନ୍ଦି ହୋଇଥିବା ବେଳେ ଶିବଠାରୁ ବୋମା ଆଣି ରଖିଥିବା କାଳିଆଠାରୁ ୨ ଟି ବୋମା, ସନ୍ତୋଷଠାରୁ ଦେଶୀ ବନ୍ଧୁକ ସହ ଗୋଟିଏ ଗୁଳି ଏବଂ ଶିବ ଶଙ୍କରଠାରୁ ୨ଟି ଗୁଳି ପୋଲିସ ଜବତ କରିଥିଲା। ଚଢ଼ାଉରେ ଏମ୍. ସନ୍ତୋଷ, ବସନ୍ତ ଉପାଧ୍ୟାୟ, ଅଜୟ ମଲିକ, ଏସିଆ ଶବର, ରଜନୀକାନ୍ତ ସେଠି ସାମିଲ ଥିଲେ।

## ବର୍ନ କେୟାର୍ ୟୁନିଟ୍ ପ୍ରତିଷ୍ଠା ଦାବିରେ ଅନଶନ ଜାରି

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ):ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମ୍‌କେସିଜି) ମେଡିକାଲ କଲେଜ ଓ ହସ୍ପିଟାଲରେ ବର୍ନ କେୟାର୍ ୟୁନିଟ୍ ପ୍ରତିଷ୍ଠା ଦାବିରେ ଅନଶନ ଜାରି ରହିଛି। ଯୁବ ସାମାଜିକ କର୍ମୀ ବିନୋଦ ସାବତଙ୍କ ନେତୃତ୍ୱରେ ମେଡିକାଲ ପରିସରରେ ଚାଲିଥିବା ଅନଶନ ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ରୋଗୀଙ୍କ ସୁବିଧା ପାଇଁ ଏମକେସିଜି ବଡ଼ ଡାକ୍ତରଖାନାରେ ବର୍ନ କେୟାର୍ ୟୁନିଟ୍ ପ୍ରତିଷ୍ଠା ସହିତ ୨୪ଘଣ୍ଟିଆ ଅଲଟ୍ରାସାଉଣ୍ଡ୍ ସେବା ଉପଲବ୍ଧ କରିବାକୁ ଦାବି କରାଯାଇଛି। ଅନଶନର ଦିନକ ପରେ ମଧ କୌଣସି ଅଧିକାରୀ ସାକ୍ଷାତ ପାଇଁ ଆସି ନଥିବା ବିନୋଦ କହିଛନ୍ତି।

## ସଂକ୍ଷେପରେ

### ମାଂସ ଦୋକାନରୁ ୩୦ ହଜାର ଜରିମାନା ଆଦାୟ

ପାରଳାଖେମୁଣ୍ଡି,୨୧।୭ (ଗିରିଧାରୀ ପରିଛା): ପାରଳାଖେମୁଣ୍ଡି ସହରର ବିଭିନ୍ନ ମାଂସ ଦୋକାନ ଉପରେ ପୌରପରିଷଦ ଓ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ଫୁଡ ଲାଇସେନ୍ସ ନଥାଇ ଏବଂ ଆବର୍ଜନା ପରିଚାଳନା ନିୟମ ଉଲଙ୍ଘନ କରି ବ୍ୟବସାୟ କରୁଥିବା ମାଂସ ଦୋକାନୀଙ୍କ ସମେତ କିଛି ଜଳଖିଆ ଦୋକାନରେ ଚଢାଉ କରି ସେମାନଙ୍କ ଠାରୁ ୩୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି। ସୂଚନାଥାଉକି, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବନମାଳୀ ଶତପଥୀ, ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ତପସ୍ୱିନୀ ବେହେରା, ପୌର ପରିଷଦ କର୍ମଚାରୀ ଓ ସ୍ଥାନୀୟ ପୋଲିସକୁ ନେଇ ଗଠନ ହୋଇଥିବା ମିଳିତ ଟିମ ସହରର ବିଭିନ୍ନ ଦୋକାନ ବଜାରରେ ଚଢାଉ କରି ୧୬୭ କେଜି ପଲିଥିନ ଜବତ କରିଥିଲେ। ଫୁଡ ଲାଇସେନ୍ସ ଓ ଟ୍ରେଡ ଲାଇସେନ୍ସ ନଥିବା କିଛି ଦୋକାନୀଙ୍କ ଠାରୁ ଜରିମାନା ମଧ ଆଦାୟ କରାଯାଇଥିଲା।

### ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ପ୍ରସ୍ତୁତି

ହିଞ୍ଜିଳିକାଟୁ, ୨୧।୭(ଦ୍ୱିତୀକୃଷ୍ଣ ପଣ୍ଡା): ଚଳିତ ମାସ ୨୮ରୁ ୩୦ ପର୍ଯ୍ୟନ୍ତ ୩ ଦିନ ଧରି ହିଞ୍ଜିଳିକାଟୁ ଇନଡୋର୍ ଷ୍ଟାଡିୟମଠାରେ ରାଜ୍ୟ ସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆୟୋଜନ ହେବ। ଏହି ପ୍ରତିଯୋଗିତାକୁ ସଫଳ ଭାବେ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ହିଞ୍ଜିଳିକାଟୁ ପୌର ପରିଷଦ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଡମିଣ୍ଟନ ଆସୋସିଏସନ ଅଫ ଇଣ୍ଡିଆର ରାଜ୍ୟ ସହଯୋଗୀ ବ୍ୟାଡମିଣ୍ଟନ ଆସୋସିଏସନ ଅଫ ଓଡ଼ିଶା ଏହାର ଆୟୋଜନ କରିବ। ଆୟୋଜିତ ପ୍ରସ୍ତୁତି ବୈଠକରେ ମ୍ୟୁନିସିପାଲଟି ଅଧକ୍ଷ ସୁବାସ ଚନ୍ଦ୍ର ପଲେଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଛତ୍ରପୁର ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା ସଂଯୋଜନା କରିଥିଲେ। ତହସିଲଦାର ପ୍ରଭାତ କୁମାର ପରିଡ଼ା, ବିଡିଓ ସୁବ୍ରତ କୁମାର ଜେନା, ଆଇଆଇସି ଅଭିମନ୍ୟୁ ଦାସ, ଉପାଧକ୍ଷା ସୁଚିତ୍ରା ପଣ୍ଡା, ଗ୍ରୀଟ ଅଧକ୍ଷ ପବିତ୍ର ମୋହନ ପାଣିଗ୍ରାହୀ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର, ବିଜେଡି ନଗର ସଭାପତି ଭୀମସେନ ବେହେରା, ଓଡ଼ିଶା ମୋ ପରିବାର ରାଜ୍ୟ ସମ୍ପାଦକ ନୀଳମଣି ପଟ୍ଟନାୟକ, ପ୍ୟାରୀମୋହନ ପାଢି, ପୂର୍ବତନ ଅଧକ୍ଷ ଶିବରାମ ଗଉଡ଼, ହୃଦୟାନନ୍ଦ ମହାପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ରାଜ୍ୟ ସ୍ତରୀୟ ପ୍ରତିଯୋଗିତାକୁ ଉତ୍ତମ ବ୍ୟବସ୍ଥାରେ ଆୟୋଜନ ନିମନ୍ତେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

### ଦୁର୍ଘଟଣାର ଠିକ ତଦନ୍ତ ପାଇଁ ତାଲିମ

ବ୍ରହ୍ମପୁର,୨୧।୭(ସୁବାସ ଚନ୍ଦ୍ର ପାଢ଼ୀ)- ଦିନକୁ ଦିନ ସଡ଼କ ଦୁର୍ଘଟଣା ବଢିବା ସହ ଲୋକଙ୍କ ଧନ ଜୀବନ ଚାଲିଯାଉଛି। ଦୁର୍ଘଟଣାକୁ କିପରି ରୋକା ଯାଇପାରିବ ଓ ଦୁର୍ଘଟଣାଜନିତ ମାମଲାଗୁଡିକର କିପରି ଠିକ ତଦନ୍ତ ହୋଇପାରିବ ସେ ନେଇ ଗୁରୁବାର ଗଞ୍ଜାମ, ବ୍ରହ୍ମପୁର ପୋଲିସ ଜିଲାର ପୋଲିସ ଅଧିକାରୀମାନଙ୍କୁ ଏବଂ ଶୁକ୍ରବାର କନ୍ଧମାଳ ଓ ଗଜପତି ଜିଲାର ପୋଲିସ ଅଧିକାରୀମାନଙ୍କୁ ତାଲିମ ଦିଆଯାଇଛି। ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଏହି ୨ଦିନିଆ କର୍ମଶାଳା ହୋଇଛି। କର୍ମଶାଳାରେ ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶେଷଜ୍ଞ ରବି ଶଙ୍କର ଗୁରୁବାର ପୋଲିସ ଅଧିକାରୀମାନଙ୍କୁ ଦୁର୍ଘଟଣା ସ୍ଥଳରେ କିପରି ତଦନ୍ତ କରାଯିବା ଉଚିତ ସେ ନେଇ ତାଲିମ ଦେଇଥିଲେ। ଠିକ ତଦନ୍ତ କରାଗଲେ କେଉଁ ସ୍ଥଳରେ କାହିଁକି ଦୁର୍ଘଟଣା ଘଟୁଛି ତାହା ମଧ ଜାଣିହେବ। ଏହାର ପ୍ରତିକାର ବ୍ୟବସ୍ଥା ମଧ କରିହେବ। ଯେଉଁ ସ୍ଥାନରେ ଅଧିକ ଦୁର୍ଘଟଣା ଘଟୁଥିବ ସେ ସ୍ଥାନକୁ ବ୍ଲାକ ସ୍ପଟ୍ ଭାବେ ଚିହ୍ନଟ କରାଯାଇ ପାରିବ। ବିଶେଷଜ୍ଞ ରବି ଶଙ୍କର ପୋଲିସ ଅଧିକାରୀମାନଙ୍କୁ ଦୁର୍ଘଟଣାଗ୍ରସ୍ତ ଗାଡି ଓ ସିସିଟିଭି ଉପରେ ମଧ ତାଲିମ ପ୍ରଦାନ କରିଛନ୍ତି। ଠିକ ଢଙ୍ଗରେ ତଦନ୍ତ କରାଗଲେ ଦୁର୍ଘଟଣା ହାରକୁ ହ୍ରାସ କରାଯାଇ ପାରିବ ବୋଲି ଆଇଜି ସତ୍ୟବ୍ରତ ଭୋଇ କହିଲେ କହିଛନ୍ତି। କର୍ମଶାଳାରେ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ପୋଲିସ ଅଧିକାରୀମାନଙ୍କୁ ଦୁର୍ଘଟଣା ସମ୍ପର୍କରେ ସଠିକ ତଥ୍ୟ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଏନ୍‌ଆଇସି ସଂଯୋଜକ ଗୁରୁ ପ୍ରସାଦ, ଆଇଆରଡିଏ ଆପ୍ଲିକେସନ ଉପରେ ପୋଲିସ ଅଧିକାରୀମାନଙ୍କୁ ତାଲିମ ଦେଇଥିଲେ। ଏହି ଅବସରରେ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ମାନସ ରଞ୍ଜନ ସାହୁ ସମସ୍ତ ପୋଲିସ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ।

# ଜିଲା ସିପିଏମ୍, ମହିଳା ସମିତିର ବିକ୍ଷୋଭ



କମାପଲ୍ଲୀ ଛକରେ ଜିଲା ସିପିଏମ ଓ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

- ମଣିପୁର ମହିଳାଙ୍କୁ ଲଜ୍ଜା ଘଟଣାର ପ୍ରତିବାଦ
- ବିରେନ୍ଦ୍ର ସିଂ ସରକାରକୁ ବରଖାସ୍ତ ଦାବି

ବ୍ରହ୍ମପୁର,୨୧।୭(ନରସିଂହ ସାହୁ)

ଭାଜପା ଶାସିତ ରାଜ୍ୟ ମଣିପୁରରେ ଘଟିଥିବା ବର୍ବୋରଚିତ ଓ ଲଜ୍ଜାଜନକ ଘଟଣା ପ୍ରତିବାଦରେ ଗଞ୍ଜାମ ସିପିଆଇ(ଏମ) ଜିଲା କମିଟି ଓ ପାର୍ଟିର ଛାମୁଆ ସଂଗଠନ ଗଣତାନ୍ତ୍ରିକ ମହିଳା ସମିତିର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସନ୍ଧ୍ୟାରେ ବ୍ରହ୍ମପୁରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମହାନଗରର ପ୍ରମୁଖ ସ୍ଥାନ କମାପଲ୍ଲୀ ଛକରେ ହୋଇଥିବା ଏହି ଆନ୍ଦୋଳନରେ ମଣିପୁର ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ନଚେତ ତାଙ୍କୁ ପଦରୁ ବହିଷ୍କାର କରିବାକୁ ଦାବି କରାଯାଇଥିଲା।

ଆୟୋଜିତ ପଥପ୍ରାନ୍ତ ସଭାରେ ଏହି କାଣ୍ଡରେ ସମ୍ପୃକ୍ତ ବ୍ୟକ୍ତି ଓ ମାଷ୍ଟରମାଇଣ୍ଡଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବାକୁ ଗଣତାନ୍ତ୍ରିକ ମହିଳା ସମିତିର ଜିଲା ସଭାନେତ୍ରୀ ଜୟନ୍ତୀବାଳା ମିଶ୍ର ଓ ସିପିଏମ ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରା ଦାବି କରିଥିଲେ। ମଣିପୁର ରାଜ୍ୟବାସୀଙ୍କ ଧନଜୀବନ ସୁରକ୍ଷାରେ ବୀରେନ୍ଦ୍ର ସିଂ ସରକାର ବିଫଳ ହୋଇଥିବାରୁ ସେହି ସରକାରକୁ ହଟାଇ ସେଠାରେ ରାଷ୍ଟ୍ରପତି ଶାସନ କରିବାକୁ ଦାବି କରାଯାଇଥିଲା। ଅପରପକ୍ଷରେ ମଣିପୁରରେ ଦୀର୍ଘ ୭୯ ଦିନ ଧରି ଚାଲିଥିବା ହିଂସାର ପ୍ରତିରୋଧ ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏନଡିଏ ସରକାରଙ୍କ ନୀରବତାକୁ ନିନ୍ଦା କରାଯାଇଥିଲା।

ସିପିଏମ ଜିଲା ସମ୍ପାଦକ ବେହେରା ଭାଷଣ ପ୍ରସଙ୍ଗରେ ମଣିପୁରରେ ଶାନ୍ତି ପ୍ରତିଷ୍ଠା ଏବଂ ବ୍ୟାପକ କ୍ଷତିଗ୍ରସ୍ତ ଲୋକଙ୍କୁ ଅବିଳମ୍ବେ ଉପଯୁକ୍ତ ଥଇଥାନ କରାଯିବାକୁ ଦାବି କରିଥିଲେ। କେନ୍ଦ୍ର ସରକାର ମଣିପୁରରେ ଲଗାଇଥିବା ଅଶାନ୍ତି ନିଆଁ ଲିଭାଇବାରେ ବିଫଳ ହୋଇଥିବା ସମାଲୋଚନା କରିଥିଲେ। ବିକ୍ଷୋଭରେ ମହିଳା ସମିତି ସମ୍ପାଦିକା ବିଷ୍ଣୁପ୍ରିୟା ସାହୁଙ୍କ ସମେତ ମାର୍କ୍ସବାଦୀ କମ୍ୟୁନିଷ୍ଟ ନେତା ବିଦ୍ୟାଧର ଜେନା, ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, କେଶବ ଗୌଡ଼, ରଂଜନ ପାତ୍ର, ହରି ନାହାକ, ଚିଟି ବାବୁ, ଅଶୋକ ଦାସ, ଲୋକନାଥ ଖୁଣ୍ଟିଆ, ମଧୁ ବେହେରା ଓ ଅନ୍ୟମାନେ ଯୋଗ ଦେଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୩ ବର୍ଷ ପରେ ଅଭିଯୁକ୍ତ ଦଣ୍ଡିତ

## ୩ ଯୁବକଙ୍କୁ ଲଣ୍ଡାକରି ଗାଁ ବୁଲାଇବା ମାମଲା

ଦିଗପହଣ୍ଡି,୨୧।୭(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି କୋର୍ଟରେ ଶୁକ୍ରବାର ୧୩ ବର୍ଷ ତଳର ଏକ ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇଛି। ବିଚାରପତି ପ୍ରିୟଦର୍ଶିନୀ ତ୍ରିପାଠୀ ଅଭିଯୁକ୍ତମାନଙ୍କୁ ଜେଲ ଓ ଜରିମାନାରେ ଦଣ୍ଡିତ କରିଛନ୍ତି।

୨୦୧୦ ଅଗଷ୍ଟ ୧୧ ତାରିଖରେ ସିନ୍ଧବା ଗ୍ରାମର ସୁରେଶ କୁମାର ପଣ୍ଡା ତାଙ୍କ ମାମୁଙ୍କ ଝିଅକୁ ଧରି ଅନ୍ୟ ଜଣେ ସାଙ୍ଗ ସହ ଏକ ଅଟୋରେ ଭୀଷ୍ମଗିରି ଅଭିମୁଖେ ଆସୁଥିଲେ। ପୋଡାଖାଲ ନିକଟରେ ସିନ୍ଧବା ଓ ଭୀଷ୍ମଗିରି ଗ୍ରାମର ଅଭିଯୁକ୍ତମାନେ ସୁରେଶ ଓ ତାଙ୍କ ସହ ଥିବା ଅନ୍ୟ ୨ ଯୁବକ ଟୁଟୁ ଗୌଡ ଏବଂ ଭୀମସେନ ଜାନିଙ୍କୁ ଅଟକାଇ ନିସ୍ତୁକ ମାଡ ମାରିଥିଲେ। ପରେ ଭୀଷ୍ମଗିରି ଚୈତନ୍ୟ ନିତ୍ୟାନନ୍ଦ ମଣ୍ଡପକୁ ଆଣି ସେଠାରେ ବାହାରୁ ତାଲା ପକାଇ ଦେଇଥିଲେ। ପରେ ସେମାନଙ୍କୁ ଲଣ୍ଡା କରି ବେକରେ ଜୋତାମାଳ ପିନ୍ଧାଇ ଭୀଷ୍ମଗିରି ଏବଂ ସିନ୍ଧବା ଗ୍ରାମରେ ବୁଲାଇଥିଲେ। ଖବରପାଇ ପୋଲିସ ସେମାନଙ୍କୁ ଉଦ୍ଧାର କରିଥିଲା। ଏ ନେଇ ସୁରେଶଙ୍କ ଏତଲା ଭିତ୍ତିରେ ଦିଗପହଣ୍ଡି ପୋଲିସ ୯୨/୧୦ ପ୍ରକାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ସିନ୍ଧବା ଗ୍ରାମର ଶଙ୍କର ମହାନ୍ତି, ବଳିଆ ମହାନ୍ତି, ପ୍ରଦୀପ ମହାନ୍ତି, ଅମୂଲ୍ୟ ମହାନ୍ତି ଏବଂ ଭୀଷ୍ମଗିରି ଗ୍ରାମର ମଣ୍ଟୁ ପାଣିଗ୍ରାହୀ, ପ୍ରଶାନ୍ତ ପାଣିଗ୍ରାହୀ ଓ ଜୟ ପାତ୍ରଙ୍କ ସଂପୃକ୍ତି ଥିବା ଜାଣିବା ପରେ ତତ୍କାଳୀନ ତଦନ୍ତକାରୀ ପୋଲିସ ଅଧିକାରୀ ଅଭିମନ୍ୟୁ ବେହେରା ୨୦୧୦ ନଭେମ୍ବର ୮ରେ ସେମାନଙ୍କ ବିରୋଧରେ ଦିଗପହଣ୍ଡି କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ଏହି ମାମଲାରେ ବିଚାରପତି ସମୁଦାୟ ୧୦ ଜଣ ସାକ୍ଷୀଙ୍କ ବୟାନ ଲିପିବଦ୍ଧ କରିଥିଲେ। ଉଭୟ ଅଭିଯୋଗକାରୀ ଏବଂ ଅଭିଯୁକ୍ତ ମାନେ ନିଜ ନିଜ ସପକ୍ଷରେ ଦୃଢ ଯୁକ୍ତି ଉପସ୍ଥାପନ କରିଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ଶୁକ୍ରବାର ଚୂଡାନ୍ତ ରାୟ ପ୍ରକାଶ କରି ଉପସ୍ଥିତ ଥିବା ଅଭିଯୁକ୍ତମାନଙ୍କୁ ୯ ମାସ ଲେଖାଏ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ୩୦୦୦ ଟଙ୍କା ଲେଖାଏଁ ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ମାସ ଜେଲ ଯିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ତେବେ ବିଚାର ସମୟ ମଧ୍ୟରେ ୨ ଅଭିଯୁକ୍ତ ମଣ୍ଟୁ ପାଣିଗ୍ରାହୀ ଏବଂ ବଳିଆ ମହାନ୍ତିଙ୍କ ମୃତ୍ୟୁ ହୋଇ ସାରିଥିବା ବେଳେ ଚୂଡାନ୍ତ ରାୟ ପ୍ରକାଶ ସମୟରେ ଅନୁପସ୍ଥିତ ରହିଥିବା ଜୟ ପାତ୍ରଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଛି। ଅଭିଯୋଗକାରୀଙ୍କ ପକ୍ଷରୁ ଦାଖଲ ଏହି ମାମଲାକୁ ସରକାରୀ ଓକିଲ ନକୁଳ ପ୍ରଧାନ କ୍ୟାଡର ଏପିପି ବିପ୍ଲବ କୁମାର ମୁଦୁଲି ପରିଚାଳନା କରିଥିଲେ।

## ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

ବ୍ରହ୍ମପୁର,୨୧।୭(ସୁବାସ ଚନ୍ଦ୍ର ପାଢ଼ୀ) ଜଣେ ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ଗୋଷାଣୀନୂଆଗାଁ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ରାଉତପେଟା ସାହିର ଆଶିଷ କୁମାର ମହାରଣା। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଡ଼ିମିରା ବାଉରୀ ସାହିର ଜୀବନ ଦାସ ତାଙ୍କ ସାଙ୍ଗ ସହ ଏପ୍ରିଲ ୨୩ ତାରିଖରେ ଷ୍ଟେଶନ ରୋଡ଼ ନିକଟରେ ଥିବା ଏକ ହୋଟେଲରୁ ଖାଇ ଘରକୁ ଫେରୁଥିଲେ। ରାସ୍ତାରେ କେତେଜଣ ଯୁବକ ଜୀବନଙ୍କୁ ଅଟକାଇଥିଲେ। ସେ ଏହାର ପ୍ରତିବାଦ କରିବାରୁ ସେମାନେ ଆକ୍ରମଣ କରିବା ସହ ଖଣ୍ଡା ଦେଖାଇ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଥାନାରେ ଜୀବନଙ୍କ ଅଭିଯୋଗ ପ୍ରକାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ୭ ଲକ୍ଷର ସୁନା, ୮୦ ହଜାର ଚୋରି

ପାରଳାଖେମୁଣ୍ଡି,୨୧।୭ (ଗିରିଧାରୀ ପରିଛା):

ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ଦାମୋଦର ବିହାର ଦ୍ୱିତୀୟ ଲାଇନରେ ରହୁଥିବା ସୁରେନ୍ଦ୍ର ପାତ୍ରଙ୍କ ଭଡା ଘରୁ ୭ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସହ ନଗଦ ୮୦ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗୁରାଣ୍ଡିର ସୁରେନ୍ଦ୍ର ପାରଳାଖେମୁଣ୍ଡି ଦାମୋଦର ବିହାରର ଦ୍ୱିତୀୟ ଲାଇନରେ ଏକ ଘରେ ଭଡ଼ାରେ ରହୁଛନ୍ତି। ସେ ନିଜ ଭଡା ଘରେ ତାଲା ପକାଇ କୌଣସି କାମରେ ଭୁବନେଶ୍ୱର ଯାଇଥିଲେ। ତା' ପରଦିନ ଘରକୁ ଫେରି ଦେଖିବା ବେଳେ ଘରର ତାଲା ଭଙ୍ଗା ଯାଇଥିଲା। ଚୋରମାନେ ଘର ଭିତରେ ପଶି ସୁନା ଅଳଙ୍କାର ଏବଂ ନଗଦ ଟଙ୍କା ନେଇଥିବା ଜାଣି ସୁରେନ୍ଦ୍ର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୨୨୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଚାଷୀ ପଞ୍ଜୀକରଣରେ ସମସ୍ୟା, ସରଳୀକରଣ ଦାବି

ଛତ୍ରପୁର,୨୧।୭(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲାରେ ଧାନ ବିକ୍ରି ପାଇଁ ଚାଷୀଙ୍କ ଅନଲାଇନ୍ ପଞ୍ଜୀକରଣ ୧୫ ତାରିଖରେ ଆରମ୍ଭ ହୋଇଛି । ତେବେ ଚଳିତବର୍ଷ ପଞ୍ଜୀକରଣ ଲାଗି ହୋଇଥିବା ନୂଆ ନିୟମ ଯୋଗୁ ଚାଷୀମାନେ ସମସ୍ୟାରେ ପଡିଛନ୍ତି। ଚାଷୀ ପଞ୍ଜୀକରଣକୁ ସରଳୀକରଣ କରିବା ଲାଗି ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଦାବି ହୋଇଛି। ଏ ନେଇ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ସୂଚନା ଦେଇଛନ୍ତି। ନୂଆ ନିୟମ ପ୍ରକାରେ ଯେଉଁ ଚାଷୀଙ୍କ ଜମି ବିଭିନ୍ନ ପଞ୍ଚାୟତରେ ରହିଛି ସେହି ପଞ୍ଚାୟତରେ ଥିବା ସୋସାଇଟି କିମ୍ବା ମହିଳା ସଂଘ ଜରିଆରେ ଚାଷୀଙ୍କ ପଞ୍ଜୀକରଣ କରିବା ବାଧ୍ୟତାମୂଳକ ରହିଛି। ଯଦ୍ୱାରା ଚାଷୀଙ୍କ ୨ରୁ ୩ ସ୍ଥାନରେ ଥିବା ଜମି ପାଇଁ ୩ଟି ସଂସ୍ଥାକୁ ଯାଇ ପଞ୍ଜୀକରଣ କରିବାକୁ ପଡୁଛି । ଧାନ ବିକିବା ବେଳେ ସେହି ୩ ସ୍ଥାନକୁ ଯାଇ ଦେବାକୁ ପଡିବ। ଏଥିରେ ଚାଷୀ ଅଯଥାରେ ହଇରାଣ ହେବା ସହ ଖର୍ଚ୍ଚାନ୍ତ ହେବ ବୋଲି ମହାସଭା ପକ୍ଷରୁ କୁହାଯାଇଛି । ତେଣୁ ପୂର୍ବଭଳି ନିଜ ପଞ୍ଚାୟତରେ ଥିବା ସମିତି କିମ୍ବା ମହିଳା ସଂଘ ଜରିଆରେ ନାମ ପଞ୍ଜୀକରଣ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି । ଜିଲାରେ ୫୦ ଭାଗ ଜମିରୁ ଅଧିକ ଜମି ଭାଗଚାଷୀମାନେ ଧାନ ଚାଷ କରିଥାନ୍ତି। ଭାଗ ଚାଷୀ ପଞ୍ଜୀକରଣ କରିପାରୁ ନ ଥିବାରୁ ମଧ୍ୟସ୍ଥି ବେପାରୀଙ୍କୁ ଧାନ ବିକି କ୍ଷତି ସହୁଛନ୍ତି। ବିଗତ ବର୍ଷ ଭଳି ରାଜସ୍ୱ, କୃଷି ଓ ଗ୍ରାମ୍ୟ କମିଟିର ଅନୁମୋଦନ କ୍ରମେ ଭାଗଚାଷୀଙ୍କ ନାମ ପଞ୍ଜୀକରଣ କରିବାକୁ ଦାବି ହୋଇଛି । ଅନ୍ୟ ଦାବିଗୁଡିକ ମଧ୍ୟରେ ସମସ୍ତ ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା, ସମସ୍ତ କେନାଲରେ ପାଣି ଛାଡିବା ଆଦି ରହିଛି। ସୂଚନାଯୋଗ୍ୟ, ଗତ ୧୫ ତାରିଖରୁ ଶୁକ୍ରବାର ପର୍ଯ୍ୟନ୍ତ ଜିଲାରେ ୩,୯୭୯ ଜଣ ଚାଷୀ ଅନଲାଇନରେ ପଞ୍ଜୀକରଣ କରିଥିବା ସୂଚନା ଦିଆଯାଇଛି । ଜିଲାରେ ଥିବା ୫୨୬ ପ୍ରାଥମିକ ସେବା ସମବାୟ ସମିତି ମଧ୍ୟରୁ ୨୨୯ ସମିତି, ୬୧ ମହିଳା ସଂଘ ଓ ଗୋଟିଏ ପାଣି ପଞ୍ଚାୟତ ଏହି ପଞ୍ଜୀକରଣରେ ସାମିଲ ହୋଇଛନ୍ତି।

## ପ୍ରତାରଣା ଅଭିଯୋଗ, ଯୁବକ ଗିରଫ

ବ୍ରହ୍ମପୁର,୨୧।୭(ସୁବାସ ଚନ୍ଦ୍ର ପାଢ଼ୀ)

ପ୍ରତାରଣ ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଗଜପତି ଜିଲା ମୋହନାର ସିଦ୍ଧାର୍ଥ ପାଣିଗ୍ରାହୀ(୨୬)। ସିଦ୍ଧାର୍ଥ ବ୍ରହ୍ମପୁରରେ ରହି ବ୍ୟବସାୟ କରନ୍ତି ବୋଲି ପୋଲିସ କହିଛି। ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ମାମଲା ନଂ.୧୫୬/୨୩ରେ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ପ୍ରକାଶ ଯେ, ସିଦ୍ଧାର୍ଥ ବ୍ରହ୍ମପୁରରେ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଯୁବତୀ ଜଣଙ୍କ ବିବାହ ପାଇଁ କହିବାରୁ ସିଦ୍ଧାର୍ଥ ମନା କରିଦେଇଥିଲେ। ଏପରିକି ବାଧ କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପ୍ରତାରଣାର ଶିକାର ହେବା ପରେ ଯୁବତୀ ଜଣଙ୍କ ନ୍ୟାୟ ପାଇଁ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଥିଲେ।

## ଟ୍ରଷ୍ଟ ପକ୍ଷରୁ ପୁଷ୍ଟିକର ଖାଦ୍ୟ ବଣ୍ଟନ

ବ୍ରହ୍ମପୁର,୨୧।୭(ସ୍ମୃତି ରଞ୍ଜନ ମହାଲିକ)

ଶୁଭକାମନା ଚାରି ଟ୍ରଷ୍ଟ ପକ୍ଷରୁ ଧରାକୋଟ ବ୍ଲକର ରୁଗୁମୁ, ଧରାକୋଟ, ଢଉଗାଁ, ଦାମୋଦରପଲ୍ଲୀ, ହରିପୁର, କୁଶରବା, ବାହାରପୁର, ମୁଣ୍ଡମରାଇ ଅଞ୍ଚଳର ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ଗ୍ରାମ ପଞ୍ଚାୟତରେ ଶୁକ୍ରବାର ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଇଛି। ଏଥିରେ ଧରାକୋଟ ସ୍ୱାସ୍ଥ୍ୟ କେନ୍ଦ୍ରର ଏସଟିଏସସି ପ୍ରଭାତ ଶତପଥୀ, ଟ୍ରଷ୍ଟର ଉପଦେଷ୍ଟା ଜଗନ୍ନାଥ ପଣ୍ଡା, ଉମାକାନ୍ତ ପ୍ରଧାନ, ମହାଲକ୍ଷ୍ମୀ ମନ୍ଦିର ପରିଚାଳନା କମିଟି ସଭାପତି ଅଶୋକ କୁମାର ବେହେରା, ଉମକାନ୍ତ ପ୍ରଧାନ, ପ୍ରଦୀପ କୁମାର ସାହୁ ଓ ଡାକ ରାଉତ ପ୍ରମୁଖ ଉପସ୍ଥିତ ରହି ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ କରିଥିଲେ। ରୋଗୀମାନେ ଶୁଭକାମନା ଚାରି ଟ୍ରଷ୍ଟକୁ କୃତଜ୍ଞତା ଜଣାଇଛନ୍ତି।

# ଏଆଇଟିୟୁସି ଅନୁବନ୍ଧିତ ଶ୍ରମିକ ସଂଗଠନର ବୈଠକ

ବ୍ରହ୍ମପୁର,୨୧।୭(ନରସିଂହ ସାହୁ)

ଏଆଇଟିୟୁସି ଅନୁବନ୍ଧିତ ଓଡ଼ିଶା ଫରେଷ୍ଟ, ଉଡ଼, ଏଗ୍ରିକଲଚର ବିଲଡିଂ କନଷ୍ଟ୍ରକଶନ୍ ୱାର୍କରର୍ସ ୟୁନିୟନ ଗଞ୍ଜାମ ଜିଲା କମିଟିର ବୈଠକ ଶୁକ୍ରବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ପ୍ରବୀଣ ଦାସ ଅଧକ୍ଷତା କରି ରାଜ୍ୟ ସରକାରଙ୍କ ଶ୍ରମିକ ମାରଣନୀତିର ସମାଲୋଚନା କରିଥିଲେ। ନିର୍ମାଣ ଶ୍ରମିକ ପଞ୍ଜୀକରଣରେ ଶ୍ରମ ବିଭାଗର ଅହେତୁକ ବିଳମ୍ବର ନିନ୍ଦା କରାଯାଇଥିଲା। ନିର୍ମାଣ ଶ୍ରମିକଙ୍କୁ ସରକାରଙ୍କ ନିୟମ ପ୍ରକାରେ ସୁବିଧା ଓ ସହାୟତା ମିଳୁ ନ ଥିବା ଅଭିଯୋଗ କରାଯାଇଥିଲା।

ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଓ ଦାବି ନେଇ ଗଞ୍ଜାମ ଜିଲାପାଳଙ୍କ ଅଫିସ ଆଗରେ ଅଗଷ୍ଟ ୯ କ୍ରାନ୍ତି ଦିବସରେ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଶ୍ରମିକଙ୍କ ଅଧିକାର ଛଡ଼ାଇ ନେଇଥିବା କେନ୍ଦ୍ର ସରକାର ବିରୋଧରେ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଥିଲା। ସମ୍ପାଦକ ସନ୍ତୋଷ ଦାସଙ୍କ ସମେତ ମହେନ୍ଦ୍ର ସେଠୀ, କୁନା ବେହେରା, ବାଉରୀବନ୍ଧୁ ବେହେରା, ଗଙ୍ଗା ଗୌଡ଼, କୈଳାସ ସାହୁ, ମହେଶ୍ୱର ମୁନି, ଗଂଗାଧର ନାହାକ ଓ ସନ୍ୟାସି ପ୍ରଧାନ ପ୍ରମୁଖ ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ।


କ୍ରାନ୍ତି ଦିବସରେ ଆନ୍ଦୋଳନ ସମ୍ପର୍କରେ ବୈଠକରେ ସୂଚନା ଦିଆଯାଉଛି।

# ନିଷ୍ଟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ବ୍ରହ୍ମପୁର ୨୧।୭
(ତନୁଶ୍ରୀ ନାହାକ/ନବୀନ ରାଜ ଆଚାରୀ)

ନିଷ୍ଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଓଡ଼ିଶା ଅସ୍କିଲିଂ ଆଣ୍ଡ୍ ପ୍ଲେସମେଣ୍ଟ୍ ପ୍ରୋଗ୍ରାମ୍ (ଓୟୁପିପି) ଆନୁକୂଲ୍ୟରେ ଓଡ଼ିଶାରେ ନିଯୁକ୍ତି ସୁଯୋଗ ବୃଦ୍ଧି ଏବଂ କୁଶଳୀ ପ୍ରତିଭାର ବିକାଶ ପାଇଁ ଯୁବ ପ୍ରତିଭାମାନଙ୍କୁ ଦକ୍ଷ କରିବା ଏବଂ ଅଗ୍ରଣୀ କମ୍ପାନୀରେ ସେମାନଙ୍କ ନିଯୁକ୍ତିକୁ ସୁରକ୍ଷିତ କରିବା ପାଇଁ ଏକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏଥିରେ ଟେକ୍ ମହିନ୍ଦ୍ରା ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସହିତ ମିଳିତ ଭାବେ ଓୟୁପିପି ଓଡ଼ିଶାର ଉଚ୍ଚାଭିଳାଷୀ ଛାତ୍ରଛାତ୍ରୀଙ୍କ ପାଇଁ ଆଶାର କିରଣ ସୃଷ୍ଟି ହୋଇଛି। ନିଷ୍ଟ ପ୍ରତିଷ୍ଠାତା ଅଧକ୍ଷ ଡ଼. ସୁକାନ୍ତ କୁମାର ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ନିଯୁକ୍ତି ଓ କ୍ୟାରିୟର ବିକାଶ ବିଭାଗ ମୁଖ୍ୟ ଡା. ଭାନୁ ପି ବେହେରା, ଏବଂ ପ୍ଲେସମେଣ୍ଟ ଟିମର ସମର୍ପିତ ସମନ୍ୱୟ ଜଗନ ମୋହନ ମହାପାତ୍ର, ଅବିନାଶ ପାଣିଗ୍ରାହୀ, ପବିତ୍ର ମୋହନ, ସନ୍ତୋଷିନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୁକ୍ରବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲିଖିତ ପରୀକ୍ଷା ଓ ସାକ୍ଷାତକାର ପାଇଁ ୧୦୦ରୁ ଅଧିକ ଛାତ୍ରୀଛାତ୍ର ନାମ ପଞ୍ଜିକରଣ କରିଥିଲେ। ଏଥିରେ ନିଷ୍ଟର ୧୩ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଥିବା ବେଳେ ସେମାନଙ୍କୁ 'ଜାଭା ଫୁଲ୍ ଷ୍ଟାକ୍' ଏବଂ 'ଡାଟା ଆନାଲିଟିକ୍ସ' ଭଳି ଅତ୍ୟାଧୁନିକ ଜ୍ଞାନକୌଶଳରେ ମାଗଣା ୬ ମାସିଆ ପ୍ରଶିକ୍ଷଣ ପ୍ରଦାନ କରିବା ସୁଯୋଗ ମିଳିଛି।

# ଭାଗ ନେବାକୁ ଗଞ୍ଜାମ କଳାକାରଙ୍କ ଝାଡ଼ଖଣ୍ଡ ଗସ୍ତ

## ବହୁଭାଷୀ ନାଟକ, ନୃତ୍ୟ ପ୍ରତିଯୋଗିତା

ବ୍ରହ୍ମପୁର,୨୦।୭ (ସ୍ମୃତି ରଞ୍ଜନ ମହାଲିକ)

ଝାଡ଼ଖଣ୍ଡର ଧାନବାଦ ସହରରେ ଶୁକ୍ରବାରଠାରୁ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହା ୨୪ ତାରିଖ ଯାଏଁ ଚାଲିବ । ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗଞ୍ଜାମ ଜିଲା ଚିକିଟି ଅଞ୍ଚଳର ୧୮ ଜଣ କଳାକାର ଶୁକ୍ରବାର ଝାଡଖଣ୍ଡ ଗସ୍ତ କରିଛନ୍ତି। ଅଲ ଇଣ୍ଡିଆ ଥିଏଟର କାଉନସିଲର ଉପାଧକ୍ଷ ରାଜଗୋପାଳ ପାଢ଼ୀଙ୍କ ନେତୃତ୍ୱରେ ଚିକିଟି ଶ୍ରୀଜଗନ୍ନାଥ କଳା ପରିଷଦ ତରଫରୁ ଯାଉଥିବା ଏହି କଳାକାରମାନେ ସେଠାରେ ହେଉଥିବା କାଳାହୀରା ନାଟ୍ୟ ମହୋତ୍ସବରେ ସ୍ୱର୍ଗତ ରଣଜିତ ପଟ୍ଟନାୟକଙ୍କ ରଚିତ ଓ ରାଜଗୋପାଳ ପାଢ଼ୀଙ୍କ ନିର୍ଦ୍ଦେଶିତ ନାଟକ 'ଲୋଭ' ପରିବେଷଣ କରିବେ। ନାଟକର ନିର୍ଦ୍ଦେଶକ ପାଢ଼ୀଙ୍କ ସହିତ ରାମଶଙ୍କର ପଟ୍ଟନାୟକ, ନିଳାଞ୍ଚଳ ପାତ୍ର, ଅଶୋକ ପାଣିଗ୍ରାହୀ, କାହ୍ନୁ ଚରଣ ଜେନା ପ୍ରମୁଖ ଅଭିନୟ କରିବେ। ଅରୁଣ ସାହୁ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ନାଟକ ବ୍ୟତୀତ ସେଠାରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ସନ୍ଧ୍ୟାରାଣୀ ଦଳାଇ ଓଡିଶୀ ନୃତ୍ୟ ପରିବେଷଣ କରିବେ। ଅନ୍ୟ କଳାକାରମାନଙ୍କ ମଧ୍ୟରେ କେ.କୃଷ୍ଣମୂର୍ତ୍ତି, ଦୀନବନ୍ଧୁ ଶତପଥୀ, ସିଏଚ.ଦେବଦାସ, ଅରୁଣ କୁମାର ପଣ୍ଡା, ପ୍ରଦୀପ କୁମାର ପାଣି, ଭଗବାନ ମଲ୍ଲିକ, ନିରୁପାରାଣୀ ପାଢ଼ୀ, ଅଂଶୀକା ଅନ୍ୱିତା ପାଢ଼ୀ, ଅନ୍ନଦା ପଟ୍ଟନାୟକ, ଅମ୍ରିତା ପଟ୍ଟନାୟକ ଓ ଅର୍ଚ୍ଚନା ପଟ୍ଟନାୟକ ପ୍ରମୁଖ ରହିଛନ୍ତି।



ଝାଡଖଣ୍ଡ କରିଥିବା କଳାକାରମାନେ।

